ପ୍ରମେୟ
THE PRAMEYA

### ଆଇଆଇଟିରେ ଲେକ୍‌ଚର୍ ହଲ୍, ଛାତ୍ରାବାସ ଲୋକାର୍ପଣ କଲେ ଧର୍ମେନ୍ଦ୍ର

# ଶୀଘ୍ର ଓଡ଼ିଆରେ ଇଞ୍ଜିନିୟରିଂ ପଢ଼ା

ଭୁବନେଶ୍ୱର,୨୦।୮(ବ୍ୟୁରୋ): ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରରର ବେଶ ଖ୍ୟାତି ରହିଛି। ଶିକ୍ଷାନୁଷ୍ଠାନ ର୍‍ୟାଙ୍କିଂ ତାଲିକାରେ ନିଜକୁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭିତରେ ସାମିଲ କରିପାରିଛି। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗସ୍ତ କରି ଏହାର ସାମାଜିକ ମର୍ଯ୍ୟାଦା ବୃଦ୍ଧି କରିଛନ୍ତି। ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ବିଶ୍ୱ ଓ ମାନବ ସମାଜର ଆଶା ଏବଂ ଆକାଂକ୍ଷା ପୂରଣ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ପୁଷ୍ପଗିରି ଲେକଚର ହଲ୍ କମ୍ପ୍ଲେକ୍ସ ଏବଂ ଋଷିକୁଲ୍ୟା ଛାତ୍ରାବାସର ଲୋକାର୍ପଣ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି, ଖୁବ୍ ଶୀଘ୍ର ଆଇଆଇଟି ଇଞ୍ଜିନିୟରିଂରେ ଓଡ଼ିଆରେ ଛାତ୍ରଛାତ୍ରୀ ପଢ଼ିବେ। ଆଇଆଇଟି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ଯୋଡ଼ିବା ପାଇଁ ଆଇଆଇଟିର ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦିଆଯାଇଛି। ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୟନ ନୂଆ ଜାତୀୟ ଶିକ୍ଷା ନୀତିରେ ବହୁ ଭାଷାଭାଷୀ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟ ଶିକ୍ଷା ନୀତିର ପ୍ରମୁଖ ଦିଗ ହେଉଛି ଭାରତର ଆଞ୍ଚଳିକ ଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିବା। ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତର ନୂଆ ମାନଚିତ ପ୍ରସ୍ତୁତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।




- ନୂଆ ଶିକ୍ଷାନୀତି ଭବିଷ୍ୟତର ନୂଆ ମାନଚିତ୍ର ପ୍ରସ୍ତୁତ କରିବ
- ଭୁବନେଶ୍ୱର ଆଇଆଇଟି-ଏସ୍‌ଡିଆଇ ଏମ୍‌ଓୟୁ
- ନୂଆ ବ୍ୟବସାୟ ଓ ଆର୍ଥିକ ମଡ଼େଲ ପ୍ରସ୍ତୁତ କରିବାକୁ ଆହ୍ୱାନ

୨୦୧୮ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ମୋଦି ଦେଶ ଉଦ୍ଦେଶ୍ୟରେ ଏହି ଶିକ୍ଷାନୁଷ୍ଠାନକୁ ସମର୍ପିତ କରିଥିଲେ। ୮୦୦ ଶଯ୍ୟା ବିଶିଷ୍ଟ ଋଷିକୂଲ୍ୟା ଛାତ୍ରାବାସ ଏବଂ ଅତ୍ୟାଧୁନିକ ଲେକ୍‌ଚର ହଲ୍‌ର ଶୁଭାରମ୍ଭ କରାଯାଇ ଏଠାରେ ଭିତ୍ତିଭୂମିକୁ ମଜବୁତ୍ କରାଯାଇଛି। ଆଇଆଇଟିଗୁଡ଼ିକ ବିଶ୍ୱ ଓ ଦେଶର ବୈଷୟିକ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଶିଳ୍ପ ବିପ୍ଳବ ୪.୦ ବିଶ୍ୱର ବିକାଶ ପାଇଁ ବ୍ୟବସାୟର ନୂଆ ମଡ଼େଲ ଆବଶ୍ୟକତା କରୁଥିବାବେଳେ ଆଇଆଇଟି ଭୁବନେଶ୍ୱର ଏଥିପାଇଁ ନୂଆ ବ୍ୟବସାୟ ଓ ଆର୍ଥିକ ମଡ଼େଲ ପ୍ରସ୍ତୁତ କରି ନିଯୁକ୍ତି ସୃଷ୍ଟି ସହ ନୂଆ ବୈଷୟିକ ସମସ୍ୟାର ସମାଧାନ ଦରକାର। ଆଇଆଇଟି ଭୁବନେଶ୍ୱର ଛାତ୍ରଛାତ୍ରୀ ଦେଶର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଖାଦ୍ୟପେୟର ପ୍ରଚାର ପ୍ରସାର କରିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଆଇଆଇଟି ପରିଚାଳନା କମିଟିର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂ ଦେଶ ଗଠନରେ ଏହି ଶିକ୍ଷାନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜାକୁମାର ଶିକ୍ଷାନୁଷ୍ଠାନର ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଆ ପିଲାଙ୍କର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ରୋଜଗାର ଦେବା ପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ) ଭୁବନେଶ୍ୱର ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଥିଲା। ଦକ୍ଷତା ବିକାଶ ପ୍ରତିଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଓ ଆଇଆଇଟି ନିର୍ଦ୍ଦେଶକ ରାଜାକୁମାର ଏମଓୟୁ ସ୍ୱାକ୍ଷର କରିଥିଲେ। ଉତ୍ସବରେ ପ୍ରଫେସର ଭିଆର୍ ପେଡିରେଡ୍ଡି, ପ୍ରଫେସର ସୁଜିତ ରୟ, ପ୍ରଫେସର ସରୋଜ ନାୟକ, ଡକ୍ଟର ପ୍ରଭାସ ରଞ୍ଜନ ସାହୁ, ରେଜିଷ୍ଟ୍ରାର ଦେବରାଜ ରଥଙ୍କ ସମେତ ଅନେକ ଅଧ୍ୟାପକ, କର୍ମଚାରୀ, ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।